Series : X4YZW

SET ~ 4

Roll No.

Q.P. Code **13**

Candidates must write the Q.P. Code on the title page of the answer-book.

# ଓଡ଼ିଆ

# ODIA

*ସମୟ : 3 ଘଣ୍ଟା* | *ପୂର୍ଣ୍ଣ ସଂଖ୍ୟା : 80*

*Time allowed : 3 hours* | *Maximum Marks : 80*

**ଟିପ୍ପଣୀ / NOTE** #

(I) ପ୍ରଶ୍ନପତ୍ରଟି **11** ପୃଷ୍ଠା ବିଶିଷ୍ଟ କି ନା ଦୟାକରି ଦେଖିନିଅ ।
Please check that this question paper contains **11** printed pages.

(II) ପ୍ରଶ୍ନପତ୍ରର ଡ଼ାହାଣ ପଟ କୋଣରେ ଦିଆଯାଇଥିବା କୋଡ ନମ୍ବର ଉତ୍ତର ପତ୍ରର ପ୍ରଥମ ପୃଷ୍ଠାରେ ରହିବା ଆବଶ୍ୟକ ।
Q.P. Code given on the right hand side of the question paper should be written on the title page of the answer-book by the candidate.

(III) ପ୍ରଶ୍ନପତ୍ରଟି **14**ଟି ପ୍ରଶ୍ନ ଅଛି କି ନା ଆରମ୍ଭରୁ ଦେଖିନିଅ ।
Please check that this question paper contains **14** questions.

(IV) **ପ୍ରଶ୍ନପତ୍ରର କ୍ରମାଙ୍କ ଉତ୍ତର ଲେଖା ଆରମ୍ଭ କରିବା ପୂର୍ବରୁ ଉତ୍ତର ପୁସ୍ତିକାରେ ପ୍ରଶ୍ନର ଉପଯୁକ୍ତ ସ୍ଥାନରେ ଲେଖ ।**
**Please write down the Serial Number of the question in the answer-book at the given place before attempting it.**

(V) ପ୍ରଶ୍ନପତ୍ର ପଢ଼ିବାପାଇଁ 15 ମିନିଟ୍ ସମୟ ଦିଆଯିବ । ପ୍ରଶ୍ନପତ୍ର 10.15 ମିନିଟ୍ ସମୟରେ ବଣ୍ଟନ କରାଯିବ । ତେଣୁ 10.15 ଠାରୁ 10.30 ମିନିଟ୍ ପର୍ଯ୍ୟନ୍ତ ପରୀକ୍ଷାର୍ଥୀ କେବଳ ପ୍ରଶ୍ନପତ୍ର ପଢ଼ିବେ ଏବଂ ଏ ସମୟରେ ଉତ୍ତର ପୁସ୍ତିକାରେ କେହି କିଛି ଲେଖି ପାରିବେ ନାହିଁ ।
15 minute time has been allotted to read this question paper. The question paper will be distributed at 10.15 a.m. From 10.15 a.m. to 10.30 a.m., the candidates will read the question paper only and will not write any answer on the answer-book during this period.

***General Instructions :***

- *This question paper is divided into **4** sections.*
- *It has total **14** questions.*
- ***Section A : 1** Question no. **1***
- ***Section B : 2** Questions no. **2** and **3***
- ***Section C : 4** Questions no. **4** to **7***
- ***Section D : 7** Questions no. **8** to **14***

*Attempt questions as per specific instructions.*
*Write question no. in answer book before attempting it.*

***ସାଧାରଣ ନିର୍ଦ୍ଦେଶାବଳୀ :***

- *ଏହି ପ୍ରଶ୍ନପତ୍ରରେ ସମୁଦାୟ 4 ଗୋଟି ବିଭାଗ ରହିଛି ।*
- *ଏହି ପ୍ରଶ୍ନପତ୍ରରେ ସମୁଦାୟ 14 ଟି ପ୍ରଶ୍ନ ରହିଛି ।*
- ***ସେକ୍ସନ ଏ (Section A) : 1** ପ୍ରଶ୍ନ ସଂଖ୍ୟା **1** ରହିଛି ।*
- ***ସେକ୍ସନ ବି (Section B) : 2** ପ୍ରଶ୍ନ ସଂଖ୍ୟା **2 ରୁ 3** ରହିଛି ।*
- ***ସେକ୍ସନ ସି (Section C) : 4** ପ୍ରଶ୍ନ ସଂଖ୍ୟା **4 ରୁ 7** ରହିଛି ।*
- ***ସେକ୍ସନ ଡି (Section D) : 7** ପ୍ରଶ୍ନ ସଂଖ୍ୟା **8 ରୁ 14** ରହିଛି ।*

*ନିର୍ଦ୍ଦେଶାନୁସାରେ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ ।*
*ଉତ୍ତର ଲେଖିବା ପୂର୍ବରୁ ଉତ୍ତରପତ୍ରର ବାମପାର୍ଶ୍ୱରେ ପ୍ରଶ୍ନ ନମ୍ବର ଉଲ୍ଲେଖ କର ।*

## SECTION A
## ସେକ୍ସନ ଏ

**1.** ନିମ୍ନ ଅନୁଚ୍ଛେଦଟିକୁ ପାଠ କରି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । *5×2=10*

ମାନବଜୀବନରେ ଯାହା କିଛି ମହତ ଓ ପ୍ରଶଂସନୀୟ ଘଟଣାମାନ ଘଟିଥାଏ, ତାହାର ମୂଳଦୁଆ ଯୌବନକାଳରେ ହିଁ ପଡ଼ିଥାଏ । ଏହାକୁ ଲକ୍ଷ୍ୟକରି ଜ୍ଞାନପ୍ରବୀର ଇମାର୍ସନ କହିଛନ୍ତି ଯେ "କର୍ତ୍ତବ୍ୟବୋଧ ଯେତେବେଳେ ଯୁବକକୁ କହେ ତୁମକୁ ଏହି କର୍ମ କରିବାକୁ ହେବ, ସେତେବେଳେ ସେ କାର୍ଯ୍ୟ ଯେତେ କଠିନ ହେଉ ପଛକେ ଯୁବକ କହିଥାଏ ମୁଁ ପାରିବି ।" ମନୁଷ୍ୟ ଯୌବନରେ ଯେପରି ଉଦାର-ଚିତ୍ତ, ସହୃଦୟ ଓ ମୁକ୍ତହସ୍ତ ହୁଏ ଏବଂ ଲୋକଙ୍କୁ ଯେତେ ସହଜରେ ବିଶ୍ୱାସ କରେ, ଅଧିକ ବୟସରେ ପ୍ରାୟ ତାହା କରିପାରେ ନାହିଁ । ତେଣୁ ଯୁବକର ମନରେ ଅତି ସହଜରେ ଉନ୍ନତ ଭାବର ଉଦୟ ହୋଇଥାଏ । ସୁଖର ମୂଳମନ୍ତ୍ର ଯୁବାର ହୃଦୟରେ ନିହିତ ଥାଏ । ତେଣୁ ସୁଖ ଭୋଗ କରିବା ପାଇଁ ତାହାକୁ କୌଣସି ପ୍ରକାରର ବିଶେଷ ଆୟୋଜନ ମଧ୍ୟ କରିବାକୁ ହୁଏନାହିଁ ।

ଯୁବକ ଅନେକ କଷ୍ଟକୁ କଷ୍ଟ ବୋଲି ମଧ ମନେ କରେନାହିଁ, କାରଣ ମଧୁମକ୍ଷିକା ଯେପରି ତିକ୍ତସ୍ୱାଦ ଉଦ୍ଭିଦରୁ ମଧୁ ସଂଗ୍ରହ କରେ, ଠିକ୍ ସେହିପରି ଯୁବକ ମଧ ଅନେକ ସମୟରେ କଷ୍ଟରୁ ଆମୋଦ ଲାଭ କରିବାର ସାମର୍ଥ୍ୟ ରଖିଥାଏ । ଯୌବନରେ ମନର ସ୍ଥିତିସ୍ଥାପକତା ଗୁଣ ବହୁପରିମାଣରେ ଥିବାରୁ ତା'ର ମନ ସହଜରେ ସ୍ତବ୍ଧ ହୁଏନାହିଁ । ବରଂ ଗୋଟିଏ ଦ୍ୱାର ରୁଦ୍ଧ ଦେଖିଲେ ଭଗ୍ନୋତ୍ସାହ ନହୋଇ ନିଜପାଇଁ ଶତ ଦ୍ୱାର ଉନ୍ମୁକ୍ତ କରିଥାଏ । ତେଣୁ କୁହାଯାଏ ଯେ ସୁଖକୁ ଯଦି ଯୌବନ ତରୀର କର୍ଣ୍ଣଧାର କରି ଦିବ୍ୟଜ୍ଞାନର ଜଳାଞ୍ଜଳି ଦିଆଯାଏ, ତେବେ ଏହା ଅଚିରେ ଅତଳ ଜଳରେ ବୁଡ଼ିଯିବାର ସମ୍ଭାବନା ଥାଏ ।

(i) ଯୌବନକାଳକୁ ଲକ୍ଷ୍ୟକରି ଇମାର୍ସନ କ'ଣ କହିଛନ୍ତି ?

(ii) ଯୁବକର ମନରେ ଅତିସହଜରେ କାହିଁକି ଉନ୍ନତ ଭାବର ଉଦୟ ହୋଇଥାଏ ?

(iii) ଯୁବକକୁ ସୁଖଭୋଗ କରିବାପାଇଁ କାହିଁକି ବିଶେଷ ଆୟୋଜନ କରିବାକୁ ହୁଏନାହିଁ ?

(iv) ସୁଖକୁ ଯୌବନ ତରୀର କର୍ଣ୍ଣଧାର କରିଦେଲେ କ'ଣ ହେବ ?

(v) ଯୁବକକୁ କାହିଁକି ମଧୁମକ୍ଷିକା ସହିତ ତୁଳନା କରାଯାଇଛି ?

## SECTION B
## ସେକ୍ସନ ବି

**2.** ଯେକୌଣସି ***ଗୋଟିଏ*** ବିଷୟରେ ରଚନା ଲେଖ । *1×6=6*

(i) ବିଦ୍ୟାଳୟରେ ସାମରିକ ଶିକ୍ଷା

(ii) ମାନବସମାଜକୁ ବିଜ୍ଞାନର ଦାନ

(iii) ସମ୍ବାଦପତ୍ର

**3.** (a) ତୁମ ଅଞ୍ଚଳରେ ଘରପୋଡ଼ି ଯାଇଥିବା ଲୋକଙ୍କୁ ସାହାଯ୍ୟ ନିମନ୍ତେ ସ୍ଥାନୀୟ ତହସିଲଦାରଙ୍କ ନିକଟକୁ ଏକ ଦରଖାସ୍ତ ଲେଖ । *6*

**କିମ୍ବା (OR)**

(b) ତୁମ ଗ୍ରାମରେ ଏକ ଚିତ୍ତବିନୋଦନ କେନ୍ଦ୍ର ଖୋଲିବା ପାଇଁ ଜିଲ୍ଲାପାଳଙ୍କ ନିକଟକୁ ଏକ ଦରଖାସ୍ତ ଲେଖ ।

(ବି.ଦ୍ର. – ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ । )

## SECTION C

## ସେକ୍ସନ ସି

**4.** ନିମ୍ନଲିଖିତ ଶବ୍ଦଗୁଡ଼ିକର ବିପରୀତ ଅର୍ଥ ସୂଚାଉଥିବା ଶବ୍ଦଗୁଡ଼ିକୁ ଲେଖ । (ଯେ କୌଣସି ***3*** ଟିର) *3×1=3*

(i) ଅନୁକୂଳ

(ii) ଇଚ୍ଛା

(iii) ଖାଲ

(iv) ସ୍ୱତନ୍ତ୍ର

**5.** ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ କରି ଲେଖ । (ଯେକୌଣସି ***3*** ଟିର) *3×1=3*

(i) ତିର୍ଥ

(ii) ଅପଦସ୍ଥ

(iii) ମନବଳ

(iv) ସରକାରି

**6.** ସମୋଚ୍ଚରିତ ଶବ୍ଦଗୁଡ଼ିକର ଅର୍ଥ ଲେଖ । (ଯେକୌଣସି ***2*** ଟିର) *2×1=2*

(i) ଈଶ – ଈଷ

(ii) କୁଜନ – କୂଜନ

(iii) ବେଳା – ବେଲା

**7.** ଏକପଦରେ ଲେଖ । (ଯେକୌଣସି ***2*** ଟିର) *2×1=2*

(i) ବିଷ୍ଣୁଙ୍କର ଉପାସକ

(ii) ଯେ ନିର୍ମାଣ କରନ୍ତି

(iii) ଦେଖିବାକୁ ଇଚ୍ଛା

## SECTION D

## ସେକ୍ସନ ଡି

**8.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି *1* ଟିର) *1×5=5*

(i) ଉପଯୁକ୍ତ ଭାବରେ ପାଠ କରିବାକୁ ଶିକ୍ଷାକଲେ ଇତିହାସ ତୁଲ୍ୟ ଦ୍ୱିତୀୟ ଶିକ୍ଷକ ଆଉ କଦାପି ଦୃଷ୍ଟ ହେବେ ନାହିଁ ।

(ii) ଏଣୁ ତୁ ଏମାନଙ୍କୁ ନିରାଶ ନ କରି ଅବିରତ ବାରିପାତରେ ବନଭୂମିକୁ ଶ୍ୟାମଳ ଓ ଉଜ୍ଜ୍ୱଳ କରି ଦେବୁ ।

**9.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *3* ଟିର) *3×2=6*

(i) ପ୍ରକୃତ ରୂପେ ମାନବଜୀବନ କିପରି ଗଠିତ ହୁଏ ?

(ii) ମୂକ ମନ୍ଦିର କୋଣାର୍କର ମୁଖ ଫିଟିଲେ କ'ଣ ହୁଅନ୍ତା ବୋଲି ଲେଖକ କହିଛନ୍ତି ?

(iii) ଭାରତରେ ସାମାଜିକ ନ୍ୟାୟ ପରିକଳ୍ପନା କିପରି ମନେହୁଏ ?

(iv) ସାଧାରଣ ଲୋକଙ୍କର ଶିକ୍ଷା ନଥିବାରୁ ଆମ ଦେଶରେ କ'ଣ ହେଉଛି ?

(v) ଗୁଣହୀନ ଓ ନୀତିହୀନ ପ୍ରତିନିଧିମାନେ କିପରି କ୍ଷମତା ପାଉଛନ୍ତି ?

**10.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । *10×1=10*

(i) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

(A) ଆତ୍ମଜ୍ଞାନ ଲାଭ

(B) ତତ୍ତ୍ୱନିରୂପଣ ପ୍ରୟାସ

(C) ଅନ୍ତର୍ଦୃଷ୍ଟି

(D) ଈଶ୍ୱରଚିନ୍ତା

(ii) କେଉଁମାନଙ୍କ ଦ୍ୱାରା ପାଳିତ କଳାପୀର କେକାରେ ବନ ଭୂମି ପୂର୍ଣ୍ଣହେବ ବୋଲି ଲେଖକ କହିଛନ୍ତି ?

(A) ଭଞ୍ଜନୃପ

(B) ନବତରୁଣୀ

(C) ନବଯୁବକ

(D) ମଦାଳସା

(iii) ପ୍ରାବନ୍ଧିକ କାହାକୁ ଦଧୀଚି ବୋଲି ଅଭିହିତ କରିଛନ୍ତି ?

(A) ମଧୁସୂଦନ ଦାସ

(B) ମନୋଜ ଦାସ

(C) ଗୋପବନ୍ଧୁ ଦାସ

(D) ଜଗନ୍ନାଥ ଦାସ

(iv) ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ ଭୋଟଦାତାମାନେ କ'ଣ ହେବାପାଇଁ ଉପଯୁକ୍ତ ?

(A) ପ୍ରଶାସକ

(B) ଅଧ୍ୟକ୍ଷ

(C) ମନ୍ତ୍ରୀ

(D) ଲୋକ ପ୍ରତିନିଧି

(v) ମେଣ୍ଢାଶାଳ ଭିତରେ ଗଧିଆ କେଉଁ ପୋଷାକରେ ରହେ ?

(A) କୁକୁର

(B) ଗଧିଆ

(C) ବାଘ

(D) ମେଣ୍ଢା

(vi) ବିଶେଷଜ୍ଞମାନଙ୍କର କେଉଁ ଦେଶରେ ବିଶେଷ ମୂଲ୍ୟ ନାହିଁ ?

(A) ଆମେରିକା

(B) ଇଂଲଣ୍ଡ

(C) ଭାରତ

(D) ଜାପାନ

(vii) ଶାସନ ପଦ୍ଧତିଗୁଡ଼ିକ ମଧ୍ୟରେ କେଉଁ ଶାସନ ସର୍ବୋତ୍କୃଷ୍ଟ ?

(A) ଗଣତନ୍ତ୍ର

(B) ଏକଛତ୍ରବାଦ

(C) ରାଜତନ୍ତ୍ର

(D) ସାମ୍ୟବାଦ

(viii) ଯୋଜନା ଅର୍ଥବିଭାଗଙ୍କ ବିଶ୍ବରକୁ ଆସିଲେ ପ୍ରଥମେ ଆଘାତ କେଉଁ ବିଭାଗ ଉପରେ ପଡ଼େ ?

(A) ସ୍ୱାସ୍ଥ୍ୟ

(B) ଶିକ୍ଷା

(C) ଶିଳ୍ପ

(D) ନଗର ଉନ୍ନୟନ

(ix) ଭାରତବର୍ଷରେ ସବୁକଥା କେଉଁମାନଙ୍କଦ୍ୱାରା ନିୟନ୍ତ୍ରିତ ହୁଏ ?

(A) କମିଶନର

(B) ବିଶେଷଜ୍ଞ

(C) ଶାସକ

(D) ଗବେଷକ

(x) ସମାଜର ସମସ୍ତ ବ୍ୟାପାର କାହାର ଅନ୍ତର୍ଭୁକ୍ତ ?

(A) ପୁରାଣ

(B) ବିଜ୍ଞାନ

(C) ଦର୍ଶନ

(D) ଇତିହାସ

**11.** ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି ***1*** ଟିର) *1×5=5*

(i) ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି,
ତରିବାକୁ ଏହି ସଂସାର ବାରିଧି ।

(ii) ରହ ଆଉ ଦଣ୍ଡେ ସିପାହି କିପାଁ କର କଟାଳ ?
କକ୍ଷେ ଅବରୋଧ ସମୟ ପରା ଗୋଧୂଳି କାଳ !

**12.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି ***3*** ଟିର) *3×2=6*

(i) ସ୍କନ୍ଦର କାହିଁକି କାନ୍ଦୁଥିଲେ ?

(ii) ଲବ-କୁଶ କିପରି ଜନନୀର ହୃଦୟ କନ୍ଦାଉଥିଲେ ?

(iii) ଆଜିର ମଣିଷ ଭସ୍ମ ମଧ୍ୟରୁ କେଉଁ ଦୀକ୍ଷା ଗ୍ରହଣ କରିବ ବୋଲି କବି ପରାମର୍ଶ ଦେଇଛନ୍ତି ?

(iv) ପିଙ୍ଗଳା କାହିଁକି ଧନ ସମ୍ପଦ ଲୋଡ଼ା ନାହିଁ ବୋଲି କହିଛି ?

(v) ସୂର୍ଯ୍ୟଙ୍କର ହସରେ କ'ଣ ପ୍ରକଟିତ ହେଉଥିଲା ?

**13.** ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । *10×1=10*

(i) କବି ରାଧାନାଥ ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କର ପିତୃଗଣଙ୍କୁ ପରମ ଉଦାର ବୋଲି କାହିଁକି କହିଛନ୍ତି ?

(A) ରାଜ୍ୟକୁ ଏକ ପରିବାର ମନେ କରୁଥିଲେ

(B) ସେମାନେ ସୁଶାସକ ଥିଲେ

(C) ଶକ୍ତିଶାଳୀ ଯୋଦ୍ଧାଥିଲେ

(D) ଦୋଷୀପ୍ରଜାଙ୍କୁ ଦଣ୍ଡ ଦେଉ ନଥିଲେ

(ii) ଦାନର ବାରିଧି ବୋଲି ସୀତା କାହାକୁ ସମ୍ବୋଧନ କରିଛନ୍ତି ?

(A) ମହର୍ଷି ବାଲ୍ମୀକି

(B) ରାଜା ଦଶରଥ

(C) ରାଜା ରାମଚନ୍ଦ୍ର

(D) ରାଜର୍ଷି ଜନକ

(iii) 'ତପସ୍ୱିନୀ' କବିତା କେଉଁ କବିଙ୍କ ଦ୍ୱାରା ରଚିତ ?

(A) ରଙ୍ଗାଧର ମେହେର

(B) ଗଙ୍ଗାଧର ମେହେର

(C) ବିଦ୍ୟାଧର ମେହେର

(D) ବିମ୍ବାଧର ମେହେର

(iv) "କେଶରୀ ଔରସେ ତୁମ୍ଭେ ସିନା ଶ୍ୱାନ" ଏହା କାହାକୁ କୁହାଯାଇଛି ?

(A) ସାମନ୍ତ ଚନ୍ଦ୍ରଶେଖରଙ୍କୁ

(B) ଇଂରେଜ ସାହେବମାନଙ୍କୁ

(C) କବି ରାଧାନାଥଙ୍କୁ

(D) ଦରବାରରେ ଯୋଗ ଦେଇଥିବା ରାଜାମାନଙ୍କୁ

(v) ଯମଦୂତ ବୋଲି କବି କାହାକୁ କହିଛନ୍ତି ?

(A) ଜେଲ୍‌ର ସିପାହିକୁ

(B) ସହବନ୍ଦୀଙ୍କୁ

(C) ଇଂରେଜ ଶାସକଙ୍କୁ

(D) ଗଡ଼ଜାତ ରାଜାଙ୍କୁ

(vi) ସୁନ୍ଦର ପଦ୍ମରେ କିଏ ଜଡ଼ିତ ହୋଇଥାଏ ?

(A) ରୋହି

(B) ନକୁଳ

(C) ଅହି

(D) ମାର୍ଜାର

(vii) ବିଦାୟକାଳୀନ ଅନୁରାଗର ରଙ୍ଗ କେଉଁଠି ପ୍ରକାଶ ପାଉଥିଲା ?

(A) ପଶ୍ଚିମାକାଶରେ

(B) ପୂର୍ବାକାଶରେ

(C) ଉତ୍ତରାକାଶରେ

(D) ଦକ୍ଷିଣାକାଶରେ

(viii) ପ୍ରେମର ସନ୍ନ୍ୟାସିନୀ ବୋଲି କବି କାହାକୁ କହିଛନ୍ତି ?

(A) ମଧୁମତ୍ତା

(B) ମଧୁବ୍ରତା

(C) ଆମ୍ରପାଲ୍ଲୀ

(D) ପିଙ୍ଗଳା

(ix) କବି ମାନବଶିଶୁକୁ କିପରି ଜାଗ୍ରତ ହେବାକୁ ପରାମର୍ଶ ଦେଇଛନ୍ତି ?

(A) ଲୌକିକ ଜ୍ଞାନକୁ ଧରି

(B) ପ୍ରତିଶୋଧ ପରାୟଣ ହୋଇ

(C) ସମସ୍ତଙ୍କୁ ଆପଣାର କରି

(D) ପ୍ରତିଶ୍ରୁତି ପାଳନ କରି

(x) କବି ମନୁଷ୍ୟ ପୁତ୍ରକୁ କିପରି ପ୍ରତିଶୋଧ ନିଅ ବୋଲି କହିଛନ୍ତି ?

(A) ସିଂହ ପରି

(B) ବାଘ ପରି

(C) ଶ୍ୟେନ ପରି

(D) ଶ୍ୱାନ ପରି

**14.** ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି *3* ଟିର) *3×2=6*

(i) ହେମମାଳୀ ଭୋ ଭୋ ହୋଇ କାନ୍ଦି ଉଠିଥିଲେ କାହିଁକି ?

(ii) ବାବୁ ବଳରାମ କାହିଁକି ଗୋପାଳକୁ ଦଣ୍ଡେ ଯାଏ ଅନାଇଥିଲେ ?

(iii) ପୋଇଲୀ ପଦି କାହିଁକି ଭାରି ପାଟିଟାଏ କରିଥିଲା ?

(iv) "ରାମ ନଗର କା ନାମ ମତ ଲିଜିୟେ ବାବୁଜୀ" – ମାଝି ଜଣକ ଏକଥା କାହିଁକି କହିଛି ?

(v) ହଂସମାନେ ବେଶି ଉପରକୁ ଉଠି ପାରୁନଥିଲେ କାହିଁକି ?